ଧରିତ୍ରୀ
DHARITRI

# ମନ ମିଜାଜ୍

ଗୁରୁବାର, ୨୦ ସେପ୍ଟେମ୍ବର, ୨୦୧୮



# ଇନ୍‌ଡୋର ପ୍ଲାଣ୍ଟ

## ସୌନ୍ଦର୍ଯ୍ୟ, ଉପକାରିତା ପାଇଁ ଡିମାଣ୍ଡ

**ନିର୍ମଳ ବାୟୁ ଆମକୁ ନା କେବଳ ପ୍ରଦୂଷଣଜନିତ ରୋଗଠାରୁ ରକ୍ଷା କରୁଛି, ମନ ଓ ଶରୀରକୁ ଫୁର୍ତ୍ତି ରଖିବାରେ ସହାୟକ ମଧ ହେଉଛି। ପ୍ରାୟତଃ ସହରରେ ନିର୍ମଳ ବାୟୁ, ସବୁଜ ପରିବେଶ, ଘର ପାଖରେ ବଗିଚା ଉପଲବ୍ଧ ହେବା କଷ୍ଟକର। ଏଭଳି ସ୍ଥିତିରେ କେତେକ ଇନ୍‌ଡୋର ପ୍ଲାଣ୍ଟ ସହର ବାସିନ୍ଦାଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହେଉଛି। ବିଶେଷକରି ଘର ଭିତର ବାୟୁକୁ ଫ୍ରେଶ୍ ତଥା ନିର୍ମଳ ରଖିବାରେ ଯାଦୁକରି କାର୍ଯ୍ୟ କରୁଛି ଇନ୍‌ଡୋର ପ୍ଲାଣ୍ଟ ତଥା ହାଉସ୍ ପ୍ଲାଣ୍ଟ। କେବଳ ସେତିକି ନୁହେଁ, ଏହା ଘରର ଶୋଭା ମଧ ବଢ଼ାଉଛି। ଫଳରେ ଏହାର ଡିମାଣ୍ଡ ସମ୍ପ୍ରତି ବଢ଼ିବାରେ ଲାଗିଛି। ଏବେ ଦେଖିବାକୁ ମିଳୁଛି ଯେ, ଅନେକ ଅଫିସ୍, ହୋଟେଲ, ରେଷ୍ଟୁରାଣ୍ଟ ଓ ଘରର ଭିତର ଅଂଶ ଆକର୍ଷଣୀୟ ଇନ୍‌ଡୋର ପ୍ଲାଣ୍ଟର ଶୋଭାରେ ଝଲସୁଛି। ସବୁଠୁ ବଡ଼ କଥା, ଏହିସବୁ ପ୍ଲାଣ୍ଟ ପାଇଁ ଅଧିକ ଜାଗା ଦରକାର ପଡୁ ନ ଥିବାବେଳେ ଏହା ବେଶି ମହଙ୍ଗା ମଧ ନୁହେଁ। ଘର ଭିତର ବାୟୁକୁ ଶୁଦ୍ଧ କରିବା ଏବଂ ଅମ୍ଳଜାନ ଯୋଗାଉଥିବା କିଛି ପ୍ଲାଣ୍ଟ ସମ୍ପର୍କରେ ଏହି ସ୍ୱତନ୍ତ୍ର ପ୍ରସ୍ତୁତି।**











ସାଧାରଣତଃ ଉପକାରିତା ଓ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଇନ୍‌ଡୋର ବା ହାଉସ୍ ପ୍ଲାଣ୍ଟ ଲୋକଙ୍କ ପସନ୍ଦ ପାଲଟିଛି। ଏଭଳି ଅନେକ ଲୋକ ରହିଛନ୍ତି ଯେଉଁମାନଙ୍କ ଜୀବନରେ ଗଛ ସବୁଠୁ ପ୍ରିୟ। ଆଖପାଖରେ ଗଛ ନ ଥିଲେ ସେମାନଙ୍କୁ ବାଷ୍ପରୁଦ୍ଧ ମନେହୁଏ। ସେମାନଙ୍କ ମଧ୍ୟରୁ ଅନେକେ ଜାଗା ଅଭାବରୁ ଘର ଭିତରେ ଯଥାସମ୍ଭବ ଗଛ ଲଗାଇବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ତେବେ ଘର ଭିତର ପାଇଁ ଭିନ୍ନ ଭିନ୍ନ ପ୍ରକାରର ଗଛ ରହିଥିବାବେଳେ ତାହାକୁ ବଞ୍ଚାଇ ରଖିବା ନିମନ୍ତେ ଯତ୍ନ ସାଙ୍ଗକୁ କେତେକ ଉପାଦାନ ଆବଶ୍ୟକ ହୋଇଥିଲେ। ସେହି ଉପାଦାନ ମଧ୍ୟରେ ସଏଲ ମିକ୍ସଚର, ପାଣି, ଆର୍ଦ୍ରତା, ଆଲୋକ, ସାର ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ପଡ଼ିଥାଏ। ଗଛ ରଖିବା ପାଇଁ ତାହାର ଆକାର ଅନୁସାରେ ପାତ୍ର ଆବଶ୍ୟକ ହୋଇଥାଏ। ଯଦି ପାତ୍ର ବଡ଼ ହୋଇଯାଏ ତେବେ ଚେର ସମ୍ବନ୍ଧୀୟ ରୋଗ ହୋଇଥାଏ। କାରଣ ସେଥିରେ ଅଧିକ ପାଣି ରହିଯାଇଥାଏ। ସେହିପରି ପାତ୍ର ଛୋଟ ହୋଇଗଲେ ଗଛ ବଢ଼ିବାରେ ବାଧା ସୃଷ୍ଟି କରିବ। ଲୋକମାନଙ୍କ ଆଗ୍ରହକୁ

ପୃ ୭

# ଇନ୍‌ଡୋର ପ୍ଲାଣ୍ଟ

## ସୌନ୍ଦର୍ଯ୍ୟ, ଉପକାରିତା ପାଇଁ ଡିମାଣ୍ଡ

ପ୍ରଥମ ପୃଷ୍ଠାରୁ...

ଦେଖି ମାର୍କେଟ୍‌ରେ ଏବେ ନୂଆ ନୂଆ ଡିଜାଇନ୍‌ର ପାତ୍ର ଉପଲବ୍ଧ ରହୁଛି। ମାଟିକୁ ଛାଡ଼ି ଅନ୍ୟ ମାଧ୍ୟମରେ ଏହି ଗଛ ମଧ୍ୟ ଲଗାଯାଇଥାଏ। ଯେପରିକି ଭର୍ମିକୁଲାଇଟ୍, ପେରଲାଇଟ୍, କୋକୋ ପିଟ୍ ଇତ୍ୟାଦି।













## ହାଉସ୍ ପ୍ଲାଣ୍ଟର ପ୍ରକାରଭେଦ

ବିଭିନ୍ନ ପ୍ରକାରର ଗଛକୁ ହାଉସ୍ ପ୍ଲାଣ୍ଟ ଭାବେ ବ୍ୟବହାର କରାଯାଏ। ଗଛର ଆକାର ଓ ଘରର ସ୍ଥାନ ଅନୁସାରେ ଏହାକୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଇଛି।

**ଫୋଲିଏଜ୍ ପ୍ଲାଣ୍ଟ:** ଏହି ଶ୍ରେଣୀର ଗଛ ସୁନ୍ଦର ପାଇଁ ପ୍ରସିଦ୍ଧ। କେବଳ ପତ୍ରର ସୌନ୍ଦର୍ଯ୍ୟତାକୁ ଦେଖି ଲୋକ ଲଗାଇଥାନ୍ତି। ଏଥିରେ ଫିଲୋଡ୍ରେନ୍‌ଡ୍ରନ, ଡାଇଫେନ୍‌ବେଚିଆ (ଡମ୍ବ୍ କେନ୍ସ), ପିସ୍ ଲିଲି, ଆନ୍ଥୁରିୟମ, ବେଗୋନିଆ, କ୍ରୋଟନ ଇତ୍ୟାଦି ଗଛର ବହୁତ ଡିମାଣ୍ଡ ରହିଛି।

**ସକୁଲେଣ୍ଟ ପ୍ଲାଣ୍ଟ:** ଏହି ଜାତୀୟ ଗଛଗୁଡ଼ିକର ପତ୍ର ବା ଶରୀର ମୋଟା ହୋଇଥାଏ। ଗଛରେ ଅଧିକ ଜଳୀୟ ଅଂଶ ରହିଥାଏ। ତେଣୁ ଏଗୁଡ଼ିକ କମ୍ ଜଳ ଆବଶ୍ୟକ କରିଥାନ୍ତି। କାକ୍‌ଟସ୍, ଇଫୋର୍ବିୟା, ଏଲୋଭେରା (ଘିକୁଆଁରୀ) ଇତ୍ୟାଦି ଗଛ ଏହି ଶ୍ରେଣୀର ଅନ୍ତର୍ଭୁକ୍ତ।

**ଟ୍ରିଜ୍:** ହାଉସ୍ ପ୍ଲାଣ୍ଟ ମଧ୍ୟରେ ଏହି ଶ୍ରେଣୀର ଗଛଗୁଡ଼ିକ ସବୁଠାରୁ ଆକାରରେ ବଡ଼ ହୋଇଥାନ୍ତି। ପାମ୍, ଡ୍ରାସିନା, ଫାଇକସ୍ ଇତ୍ୟାଦି ଏହି ଶ୍ରେଣୀର।

**ଫର୍ନ:** ଗାଢ଼ ସବୁଜ ରଙ୍ଗ ଓ ସୁନ୍ଦର ପତ୍ର ପାଇଁ ଏହି ଶ୍ରେଣୀର ଗଛ ଲୋକପ୍ରିୟ। ଆସ୍ପାରାଗସ୍, ରାବିଟ୍ ଫୁଟ୍ ଫର୍ନ ଇତ୍ୟାଦି ଏହି ଶ୍ରେଣୀର।

**କ୍ଲାଇମ୍ବର:** କାନ୍ଥ କିମ୍ବା ଖୁଣ୍ଟରେ ଏହି ଶ୍ରେଣୀର ଗଛକୁ ଲଗାଇଲେ ଅଧିକ ଆକର୍ଷଣୀୟ ଲାଗିଥାଏ। ଏହାଛଡ଼ା ଝରକା, କୁଣ୍ଡକୁ ଝୁଲାଇ ଏହି ଗଛ ଲଗାଯାଇପାରିବ। ସ୍ପାଇଡର ପ୍ଲାଣ୍ଟ, ୱାକ୍ସ ପ୍ଲାଣ୍ଟ, ମନି ପ୍ଲାଣ୍ଟ ଇତ୍ୟାଦି ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ।

**ଫ୍ଲାୱାରିଂ ପ୍ଲାଣ୍ଟ:** ଏହି ଶ୍ରେଣୀର ଗଛର ମଧ୍ୟ ଚାହିଦା ରହିଛି। ଫୁଲ ଫୁଟୁଥିବାରୁ ଏହା ଅଧିକ ଆଲୋକ ଆବଶ୍ୟକ କରିଥାଏ। ପ୍ରତିଦିନ ଅଳ୍ପ ଅଳ୍ପ ପାଣି ଦେବାକୁ ପଡ଼ିଥାଏ। ହିବିସ୍‌କସ୍, ଅର୍କିଡ, କଫି ଇତ୍ୟାଦି ଏହି ଶ୍ରେଣୀର ଅଟନ୍ତି।

### ଉପକାରିତା

- ବାୟୁ ପ୍ରଦୂଷଣ କମାଇଥାଏ। 'ନାସା'ର ଗବେଷଣା ଅନୁଯାୟୀ, କେତେକ ଇନ୍‌ଡୋର ପ୍ଲାଣ୍ଟ ୨୪ଘଣ୍ଟା ମଧ୍ୟରେ ବାୟୁର ୮୭% ବିଷାକ୍ତକୁ ଦୂର କରିଥାଏ। (ପିସ୍ ଲିଲି, ଫର୍ନ)।
- ମସ୍ତିଷ୍କକୁ ସତେଜ ରଖିଥାଏ(ଲାଭେଣ୍ଡର, ଜସ୍ମିନ, ରେଡ୍ ଏଡ୍‌ଜଡ୍ ଡ୍ରାସିନା)।
- ଭୟ, କ୍ରୋଧ, ବିଷାଦ ଇତ୍ୟାଦି ଭାବକୁ ବଢ଼ିବାକୁ ଦିଏ ନାହିଁ।
- ସକାରାତ୍ମକ ଚିନ୍ତାଧାରା ବଢ଼ାଇଥାଏ ଓ ନକାରାତ୍ମକ ଚିନ୍ତାଧାରାକୁ କମାଇଥାଏ।
- ନିଦ୍ରାହୀନତା ଦୂର କରିଥାଏ(ସ୍ନେକ୍ ପ୍ଲାଣ୍ଟ, ଗାର୍ଡେନିଆ, ପେନ୍)।
- ମୁଣ୍ଡ ବିନ୍ଧା, ଥକା ମେଣ୍ଟାଇବା ଦୂର କରିଥାଏ (ଫିଲୋ ଡେନ୍‌ଡ୍ରୋନ୍, କ୍ରୋଟନ)।
- ସବୁଜ ରଙ୍ଗକୁ ଦେଖିଲେ ଆରାମଦାୟକ ଲାଗେ।

### କେଉଁ ଘର ପାଇଁ କେଉଁ ଗଛ

ବେଡ୍ ରୁମ୍– ଜର୍‌ବେରା
ଲିଭିଂ ସ୍ପେଶ୍– ସ୍ପାଇଡର ପ୍ଲାଣ୍ଟ, ଡ୍ରାଗନ ଟ୍ରି, ଫର୍ନ, ଫିଲୋଡ୍ରେନ୍‌ଡ୍ରନ, ଇଂଲିଶ ଆଇଭି
କିଚେନ– ସ୍ନେକ୍ ପ୍ଲାଣ୍ଟ
ବାଥ୍‌ରୁମ୍– ପିସ୍ ଲିଲି

## ଲୋକପ୍ରିୟ ଇନ୍‌ଡୋର ପ୍ଲାଣ୍ଟ



### ଆନ୍ଥୁରିୟମ

ଏହି ଗଛଗୁଡ଼ିକ ଦେଖିବାକୁ ବହୁତ ସୁନ୍ଦର। ଯେଉଁ ସ୍ଥାନରେ ରହିଲେ ବି ଏହା ତତ୍‌କ୍ଷଣାତ୍ ଦୃଷ୍ଟି ଆକର୍ଷଣ କରିଥାଏ। ଏହି ଗଛ ପାଇଁ ସିଧା ସୂର୍ଯ୍ୟକିରଣ ଆବଶ୍ୟକ ହୋଇ ନ ଥାଏ। ଅଳ୍ପ ପାଣି କିନ୍ତୁ ନିୟମିତ ଭାବେ ଦେବାକୁ ପଡ଼ିଥାଏ। ଅନେକ ରଙ୍ଗରେ ଏହି ଗଛ ଉପଲବ୍ଧ। ବର୍ଷତମାମ ଏହି ଗଛରେ ଫୁଲ ଫୁଟିଥାଏ।

### ଆରିକା ପାମ୍



ବାୟୁମଣ୍ଡଳକୁ ଜଳକଣା ଛାଡ଼ି ଆର୍ଦ୍ର କରି ରଖିଥାଏ, ଯାହା ଥଣ୍ଡା, ସାଇନସ୍ ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ମଧ୍ୟ ଏହା ସହଯୋଗ କରିଥାଏ। ଏହି ଗଛ ଘର ଭିତରେ ଭଲରେ ବଢ଼ିପାରନ୍ତି। ପ୍ରାୟ ୭ଫୁଟ ପର୍ଯ୍ୟନ୍ତ ଏହା ବଢ଼ିପାରିଥାଏ। ଏହି ଗଛ କମ୍ ଆଲୋକରେ ବଢ଼ିପାରୁଥିବାରୁ ଲୋକଙ୍କ ମଧ୍ୟରେ ଏହା ଅଧିକ ଆଦୃତ।



### ଏଲୋଭେରା (ଘିକୁଆଁରୀ)

ଏହି ଗଛର ରକ୍ଷଣାବେକ୍ଷଣା ଅତି ସହଜ। କମ୍ ମାଟି ବ୍ୟବହାର ହୋଇଥାଏ। ଖରା ପଡ଼ିବା ପାଇଁ ଝରକା ପାଖରେ ରଖାଯାଇଥାଏ। ସୌନ୍ଦର୍ଯ୍ୟ ବୃଦ୍ଧି ସହିତ ଏହି ଗଛର ଅନେକ ଆୟୁର୍ବେଦ ଗୁଣ ମଧ୍ୟ ରହିଛି।

### ଲକି ବାମ୍ବୋ

ବର୍ତ୍ତମାନ ସମୟରେ ଏହି ଗଛଟି ସବୁଠାରୁ ଲୋକପ୍ରିୟ। ଯଦିଓ ସାଧାରଣ ଲୋକ ଏହାକୁ ବାଉଁଶ ପ୍ରଜାତିର ଗଛ ବୋଲି କହିଥାନ୍ତି, କିନ୍ତୁ ଏହା ଏକ ଡ୍ରାସେନା ପ୍ରଜାତିର ଗଛ। ଏହା ବିନା ମାଟି, ଛୋଟ ଜାଗାରେ ରହିଯାଏ। ଅଳ୍ପ ପାଣି ଆବଶ୍ୟକ ହୋଇଥାଏ। ଫଙ୍ଗ୍‌ଶ୍ୱେ ମତରେ ଏହା ସୌଭାଗ୍ୟ ଆଣିଥାଏ।



## କ'ଣ କୁହନ୍ତି ଏମାନେ



"ଏଠିକାର ପାଣିପାଗ ଯେଉଁଭଳି ରହୁଛି ଗଛଗୁଡ଼ିକ ମଝିରେ ମଝିରେ ବାହାରକୁ ଆଣିବା ଉଚିତ। ନଚେତ୍ ଗଛ ଶୀଘ୍ର ନଷ୍ଟ ହୋଇଯିବ। ଆମ ପାଖରେ ପ୍ରାୟ ୩୦ପ୍ରକାରର ଇନ୍‌ଡୋର ପ୍ଲାଣ୍ଟ ରହିଛି। ୧୫୦ଟଙ୍କାରୁ ଆରମ୍ଭ ହୋଇ ୫ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଆରିକା ପାମ୍, ଲକି ବାମ୍ବୋ ଭଳି ଗଛର ବହୁତ ଡିମାଣ୍ଡ ରହିଛି।

**- ବିଜୟ କୁମାର ସାହୁ, ନ୍ୟୁ ଏମ୍‌ଏସ୍ ନର୍ସରି, ଭୁବନେଶ୍ୱର**



"ବର୍ତ୍ତମାନ ଘରଟିଏ କଲେ ବଗିଚା ପାଇଁ କାହା ପାଖରେ ଜାଗା ନାହିଁ। ଜାଗା ଅଭାବରୁ ଏଥିପାଇଁ ଇନ୍‌ଡୋର ପ୍ଲାଣ୍ଟର ଡିମାଣ୍ଡ ରହିଛି। ଲୋକେ ଟଙ୍କା ଖର୍ଚ୍ଚ କରି ନେଇଯାଉଛନ୍ତି। କିନ୍ତୁ ସଚେତନତା ଅଭାବରୁ ସେମାନେ ଗଛର ଯତ୍ନ ନେଇପାରୁନାହାନ୍ତି। ଫଳରେ ଗଛଗୁଡ଼ିକ ଶୀଘ୍ର ନଷ୍ଟ ହୋଇଯାଉଛି। ଇନ୍‌ଡୋର ପ୍ଲାଣ୍ଟର ଅର୍ଥ କେବଳ ଘର ଭିତରେ ବା ଛାଇରେ ରହିବ ବୋଲି ସାଧାରଣ ଲୋକଙ୍କ ଚିନ୍ତାଧାରା ରହିଛି। ଯଦି ବାହାରକୁ ନ ଆଣିବ ତେବେ ଗଛର ଚମକ ଆଉ ରହିବ ନାହିଁ।

**- ସୁଶାନ୍ତ କୁମାର ଦାଶ, ପ୍ରୋପ୍ରାଇଟର, କୃଷକ ସାଥୀ**



"ଜାଗାର ଅଭାବ ଯୋଗୁ ଲୋକେ ଏହି ପ୍ଲାଣ୍ଟକୁ ଲଗାଇବାକୁ ଚାହୁଁଛନ୍ତି। ତେଣୁ ଦିନକୁ ଦିନ ଏହି ପ୍ଲାଣ୍ଟର ଡିମାଣ୍ଡ ବଢ଼ିବାରେ ଲାଗିଛି। ଏହାର ବିଭିନ୍ନ ପ୍ରକାର ଉପକାରିତା ରହିଛି। ପ୍ରଥମତଃ ହେଉଛି ବିୟୁଟିଫିକେଶନ୍। ଏଥିରୁ ଅମ୍ଳଜାନ ମିଳିବା ସହିତ ଏୟାରକୁ ପ୍ୟୁରିଫାଏ କରୁଛି। ଯେହେତୁ ଇନ୍‌ଡୋର ପ୍ଲାଣ୍ଟର ଚାହିଦା ବଢ଼ିବାରେ ଲାଗିଛି ତେଣୁ ଜଣେ ଚାହିଁଲେ ଏଥିରେ କ୍ୟାରିୟର ମଧ୍ୟ କରିପାରିବ।

**- ଡ. ସ୍ୱାଗତିକା ଶ୍ରୀଚନ୍ଦନ, ଉଦ୍ୟାନ କୃଷି ବିଶେଷଜ୍ଞ ତଥା ସିନିୟର ସାଇଣ୍ଟିଷ୍ଟ ହେଡ୍, କୃଷି ବିଜ୍ଞାନ କେନ୍ଦ୍ର, ନୂଆପଡ଼ା**

–ରିପୋର୍ଟ: ଅସମାପିକା ସାହୁ
ଫଟୋ: ବିକାଶ ନାୟକ

# ଚିକେନ୍ ଟିପ୍ସ

ଚଟ୍‌ପଟା ଖାଦ୍ୟ ଖାଇବାକୁ ସାଧାରଣତଃ ଲୋକେ ପସନ୍ଦ କରିଥାନ୍ତି। ଯଦି ତାହା ଚିକେନ୍‌ରେ ପ୍ରସ୍ତୁତ ହୋଇଥାଏ ତେବେ ଖାଇବାର ଇଚ୍ଛା ଆହୁରି ବଢ଼ିଯାଏ। ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଚଳିତ ଖାଦ୍ୟରୁଚି ସ୍ତମ୍ଭରେ ସ୍ଥାନ ପାଇଛି ଚାଇନିଜ୍ ଡିସ୍ 'ଚିକେନ୍ ଟିପ୍ସ'। ଏହାର ପ୍ରସ୍ତୁତ ପ୍ରଣାଳୀ ସମ୍ପର୍କରେ କହିଛନ୍ତି ମାଲ୍‌ଓ୍ୱା ରେଷ୍ଟୁରାଣ୍ଟର ସେଫ୍ ଗୌତମ ଦେବନାଥ।

## ଖାଦ୍ୟରୁଚି






## ଆବଶ୍ୟକ ସାମଗ୍ରୀ

- ବୋନ୍‌ଲେସ୍ ବ୍ରେଷ୍ଟ ପିସ୍ ଚିକେନ୍ ୧ଟି
- କର୍ନଫ୍ଲାଓ୍ୱାର ୧୦୦ ଗ୍ରାମ୍
- ଗୋଲମରିଚ ଗୁଣ୍ଡ ୫ ଗ୍ରାମ୍
- ଟେଷ୍ଟିଙ୍ଗ୍ ପାଉଡର୍ (ବଜାରରେ ମିଳୁଥିବା) ୫ଗ୍ରାମ୍
- ଲେମ୍ବୁ ରସ ୧ ଚାମଚ୍
- ଲଙ୍କା ଗୁଣ୍ଡ ଅଳ୍ପ ପରିମାଣର
- ରିଫାଇନ୍ ତେଲ ୨୦୦ ଗ୍ରାମ୍
- ଲୁଣ ସ୍ୱାଦ ଅନୁଯାୟୀ
- ଗାର୍ନିଂସିଙ୍ଗ୍ ପାଇଁ ଟମାଟୋ ସସ୍, ଚିଲି ସସ୍, ଗ୍ଲାସ୍ ନୁଡୁଲସ୍ ଫ୍ରାଏ (ବାସ୍‌ମତୀ ଚାଉଳ ଗୁଣ୍ଡରୁ ପ୍ରସ୍ତୁତ ଏକ ନୁଡୁଲ)

## ପ୍ରସ୍ତୁତ ପ୍ରଣାଳୀ

ବୋନଲେସ୍ ଚିକେନ୍‌କୁ ଭଲଭାବେ ଧୋଇଦେବେ। ପରେ ଏହାକୁ ପତଳା ପତଳା କରି କାଟି ଦେବେ। ଏହାପରେ ଚିକେନ୍‌ରେ ଲେମ୍ବୁରସ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ସେଥିରେ ଟେଷ୍ଟିଙ୍ଗ୍ ପାଉଡର, ଲଙ୍କା ଗୁଣ୍ଡ, ଗୋଲମରିଚ ଗୁଣ୍ଡ, ସ୍ୱାଦ ଅନୁଯାୟୀ ଲୁଣ ପକାଇ ଗୋଳାଇ କିଛି ସମୟ ରଖି ଦିଅନ୍ତୁ। ତା'ପରେ ସେଥିରେ କର୍ନଫ୍ଲାଓ୍ୱାର ଗୋଳାଇ ଦିଅନ୍ତୁ। ଏବେ ଗ୍ୟାସ୍‌ରେ ପ୍ୟାନ ରଖି ତେଲ ଢାଳନ୍ତୁ। ତେଲ ଗରମ ହେବା ପରେ ସେଥିରେ ଗୋଳା ହୋଇ ରହିଥିବା ଚିକେନ୍‌କୁ ଗୋଟି ଗୋଟି କରି ଫ୍ରାଏ କରନ୍ତୁ। ଚିକେନ୍‌ଗୁଡିକ ବାଦାମୀ ରଙ୍ଗ ହେବା ପରେ ପ୍ଲେଟକୁ କାଢି ଦିଅନ୍ତୁ। ଏବେ ସେଥିରେ ବଜାରରେ ମିଳୁଥିବା ଗ୍ଲାସ୍ ନୁଡୁଲସ୍ ଫ୍ରାଏ ସହିତ ଚିଲି ସସ୍, ଟମାଟୋ ସସ୍ ଦେଇ ସଜାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଚିକେନ୍ ଟିପ୍ସ'।

-ରିପୋର୍ଟ: ବନ୍ଦନା ସେଠୀ

## ମାର୍କେଟ୍‌ରେ ନୂଆ



### ସାମ୍‌ସଙ୍ଗ୍‌ର ଆକ୍ଟିଭ୍ ଏଲ୍‌ଇଡି

ଘରେ ମନୋରଞ୍ଜନକୁ ଆଉଟିକେ ମଜାଦାର କରିବା ପାଇଁ ସାମ୍‌ସଙ୍ଗ୍ ଆକର୍ଷଣୀୟ ଏଲ୍‌ଇଡି ଟିଭି ବଜାରକୁ ଆଣିଛି। ୧୧୦ ଇଞ୍ଚ ଓ ୧୩୦ ଇଞ୍ଚ ବିଶିଷ୍ଟ ଫୁଲ୍ ହାଇ ଡେଫିନେଶନ(ଏଫ୍‌ଏଚ୍‌ଡି) ଏବଂ ୨୨୦ ଇଞ୍ଚ ଓ ୨୬୦ ଇଞ୍ଚ ବିଶିଷ୍ଟ ଅଲ୍‌ଟ୍ରା ହାଇ ଡେଫିନେଶନ(ୟୁଏଚ୍‌ଡି) ସ୍କ୍ରିନ୍‌ରେ ଆସିଥିବା ଏହି ଏଲ୍‌ଇଡିର ଦାମ ୧ କୋଟି ଟଙ୍କାରୁ ୩.୫ କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି। କମ୍ପାନୀ ଏହି ସିରିଜର ନାମ 'ଏଲ୍‌ଇଡି ଫର୍ ହୋମ୍' ରଖିଛି। ସେହିପରି ଓ୍ୱାର୍କିଂ ପ୍ରଫେସନାଲଙ୍କୁ ଦୃଷ୍ଟିରେ ରଖି ଏହାକୁ ବିକଶିତ କରିଥିବାରୁ ଆକ୍ଟିଭ୍ ଏଲ୍‌ଇଡି ନାମ ମଧ ଦେଇଛି। ବଜାର ପ୍ରବେଶ ଅବସରରେ ସାମ୍‌ସଙ୍ଗ୍ ଇଣ୍ଡିଆର କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ ଏଣ୍ଟରପ୍ରାଇଜ୍ ବିଜ୍‌ନେସ୍‌ର ଉପସଭାପତି ପୁନିତ୍ ସେଠି କହିଛନ୍ତି, ଗ୍ରାହକଙ୍କ ନୂତନ ଆଗ୍ରହ ଓ ଚାହିଦାକୁ ପୂରଣ କରିବା ପାଇଁ ଆମେ ଏହି ନୂଆ ରେଞ୍ଜର ଉତ୍ପାଦ ବଜାରକୁ ଆଣିଛୁ।

### ମୋଟୋ ଜି୬ ପ୍ଲସ




ମୋଟୋରୋଲା ପକ୍ଷରୁ ବଜାରକୁ ଆସିଛି ନୂଆ ମୋଟୋ ଜି୬ ପ୍ଲସ। ଏହା ବଜାର ଦର ୨୨,୪୯୯ ଟଙ୍କା ରହିଛି। ଗ୍ରାହକମାନେ ଏଥିରେ ଅତ୍ୟାଧୁନିକ କ୍ୟାମେରା ଏବଂ ତୀବ୍ର ଚାର୍ଜିଂ ସୁବିଧା ପାଇ ପାରିବେ। ସେହିଭଳି ସମନ୍ୱିତ ଗୁଗୁଲ ଲେନ୍ସ କାର୍ଯ୍ୟକଳାପ, କ୍ୱାଲକମ୍ ସ୍ନାପଡ୍ରାଗନ୍ ୨.୨ ଗିଗାହର୍ଜ ଅକ୍ଟାକୋର ପ୍ରୋସେସର, ୬ ଜିବି ରାମ୍, ୫.୯ ଇଞ୍ଚ ବିଶିଷ୍ଟ ସମ୍ପୂର୍ଣ୍ଣ ଏଚ୍‌ଡି ପ୍ଲସ ମାକ୍ସ ଭିଜନ ଡିସ୍‌ପ୍ଲେ, ୩୨୦୦ ଏମ୍‌ଏଏଚ୍ ବ୍ୟାଟେରୀ କ୍ଷମତା ଗ୍ରାହକମାନେ ଏହି ମଡେଲରେ ପାଇପାରିବେ।

### ଆସସ୍ ଭିଭୋ ବୁକ୍ ୧୫ ଏକ୍ସ୫୧୦ ଲାପଟପ୍

ବଜାରକୁ ଆସିଛି ଆସସ୍ ଭିଭୋ ବୁକ୍ ୧୫ ଏକ୍ସ ୫୧୦ ଲାପଟପ୍। ଏଥିରେ ରହିଛି ଅତ୍ୟାଧୁନିକ ଇଣ୍ଟେଲ ଅପ୍ଟେନ ମେମୋରି। ଆସସ୍‌ର ସମସ୍ତ ଅଫ୍‌ଲାଇନ ଷ୍ଟୋର ଓ ରିଟେଲ ଷ୍ଟୋରଗୁଡ଼ିକରେ ଏହା ଉପଲବ୍ଧ। ଏହାର ବଜାର ଦର ୪୫, ୯୯୦ ଟଙ୍କା ରହିଛି। ଏଥିରେ ଇଣ୍ଟେଲାକୋର ଆଇ୫ ପ୍ରୋସେସର,୪ଜିବି ରାମ୍, ମୋଟ ୨୦ ଜିବିର ସିଷ୍ଟମ ମେମୋରି, ଓ୍ୱାନଟପ୍ ଫିଙ୍ଗର ପ୍ରିଣ୍ଟ ସେନସର ଭଳି ଅନ୍ୟାନ୍ୟ ଅତ୍ୟାଧୁନିକ ବୈଶିଷ୍ଟ୍ୟ ଏଥିରେ ରହିଛି।



# ସେଲ୍ଫି କର୍ଣ୍ଣର



@ ସୌମ୍ୟରଜିତ୍



@ ସୋନାଲି



@ ଟିଣ୍ଟୁ



@ ଭରତ



@ ଦଧିବାମନ



@ କାହ୍ନା



@ ରଶ୍ମିତା



@ ରିଙ୍କି



@ ଅବେଶ



@ ଧର୍ମେନ୍ଦ୍ର



@ ବାପୁନ୍




@ ଜିତେନ୍ଦ୍ରିୟ



@ ନୃସିଂହ



@ ଶେଷଦେବ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ**

smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ବନଜା ଆପାର୍ଟମେଣ୍ଟ

ଭୁବନେଶ୍ୱର ରାଜଭବନ ଛକ ନିକଟ ଜୀବନବୀମା କାର୍ଯ୍ୟାଳୟ ପାର୍ଶ୍ୱ ବାମପଟ ରାସ୍ତାରେ ଗଙ୍ଗନଗର ଆଡକୁ ଗଲାବେଳେ ବନଦୁର୍ଗା ଛକ ନିକଟରେ ବନଜା ଆପାର୍ଟମେଣ୍ଟ ରହିଛି। ଉନ୍ନତ ଜ୍ଞାନକୌଶଳରେ ନିର୍ମିତ ଏହି ଆପାର୍ଟମେଣ୍ଟ ଦେଖିବାକୁ ବେଶ୍ ଆକର୍ଷଣୀୟ। ଏହାର ନିର୍ମାଣଶୈଳୀ ଏବଂ ଏଠାରେ ଉପଲବ୍ଧ ସୁବିଧା ଅନ୍ୟମାନଙ୍କୁ ଆକର୍ଷିତ କରିଥାଏ।

– ରିପୋର୍ଟ: ତ୍ରିନାଥ ମହାନ୍ତି



- ଗୃହ ପ୍ରବେଶ- ୨୦୦୩
- ଲୋକ ସଂଖ୍ୟା- ୫୦୦ରୁ ଊର୍ଦ୍ଧ୍ୱ
- ଫ୍ଲାଟ ସଂଖ୍ୟା- ୧୪୪
- ବ୍ଲକ୍- ୨
- ସଂଗଠନ- ବନଜା ଆପାର୍ଟମେଣ୍ଟ ଓନର୍ସ ଆସୋସିଏଶନ
- ସଭାପତି- ବୀରବର ରଥ
- ଉପସଭାପତି- କବିରଞ୍ଜନ ମିଶ୍ର
- ସମ୍ପାଦକ- ବ୍ରଜକିଶୋର ପାଣିଗ୍ରାହୀ
- ସହ ସମ୍ପାଦକ- ନୀଳମଣି ମହାନ୍ତି
- କୋଷାଧ୍ୟକ୍ଷ- ଅରୁଣ କୁମାର ରାହା
- ସୁପରଭାଇଜର- ସନ୍ତୋଷ କୁମାର ପଣ୍ଡା

## ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଏ



" ଏଠାରେ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଏ। ଆପାର୍ଟମେଣ୍ଟ ମଧକୁ ଯିବା ପାଇଁ ୪ଟି ଗେଟ୍ ରହିଛି। ସବୁ ଗେଟରେ ସିକ୍ୟୁରିଟି ଗାର୍ଡ ମୁତୟନ ରହିଛନ୍ତି। ସେମାନେ ଅଜଣା ଲୋକଙ୍କୁ ଆପାର୍ଟମେଣ୍ଟ ଭିତରକୁ ଛାଡ଼ନ୍ତି ନାହିଁ। କାହାକୁ ଦେଖା କରିବା ପାଇଁ କେହି ଆସିଲେ ଫ୍ଲାଟର ସମ୍ପୃକ୍ତ ବାସିନ୍ଦାଙ୍କୁ ପଚାରି ବୁଝିବା ପରେ ଭିତରକୁ ଯିବାକୁ ଅନୁମତି ଦିଆଯାଇଥାଏ। ଏଠାରେ ଏକାଧିକ ସିସିଟିଭି କ୍ୟାମେରା ଲାଗିଛି। ଏହାର କଣ୍ଟ୍ରୋଲ ରୁମ୍ ସୋସାଇଟି ରୁମ୍‌ରେ ରହିଛି। ବରିଷ୍ଠ ନାଗରିକମାନେ ନିଜକୁ ସୁରକ୍ଷିତ ଅନୁଭବ କରନ୍ତି।

- ବୀରବର ରଥ, ସଭାପତି

## ଓପନ ଜିମ୍ ମନକୁ ଛୁଏଁ



" ରାଜଧାନୀରେ ଥିବା ଅନ୍ୟ ଆପାର୍ଟମେଣ୍ଟରୁ ଏହି ଆପାର୍ଟମେଣ୍ଟ ଭିନ୍ନ। ଏଠାରେ ସବୁ ସୁବିଧା ରହିଛି। ଛୋଟ ପିଲା ଖେଳିବା ପାଇଁ ଛୋଟ ଗ୍ରାଉଣ୍ଡ ରହିଛି। ବିଶେଷକରି ଏଠାରେ ଥିବା ଓପନ ଜିମ୍ ମନକୁ ଛୁଏଁ। ଭୋରୁ ଆପାର୍ଟମେଣ୍ଟ ବାସିନ୍ଦା ଏହି ଜିମ୍‌କୁ ଆସି ବ୍ୟାୟାମ କରନ୍ତି। ଖୋଲା ପବନ ସାଙ୍ଗକୁ ଜିମ୍‌ରେ ଏକ୍ସରସାଇଜ କରିବାର ମଜା ନିଆରା। ଜିମ୍‌କୁ ଲାଗି ଏକ ଖେଳ ପଡିଆ ରହିଛି। ସେଠାରେ ବଡ ପିଲାମାନେ ଭଲିବଲ୍ ଖେଳନ୍ତି। ଆପାର୍ଟମେଣ୍ଟ ତଳେ ଷ୍ଟାଣ୍ଡ ଚେୟାର ପଡିଛି। ସେଠାରେ ଲୋକମାନେ ବସି ଗପସପ ମଧ କରନ୍ତି।

- କବିରଞ୍ଜନ ମିଶ୍ର, ଉପସଭାପତି

---

# ପେସା ଆର୍ ନିଶାକେ ସମାନ୍ ଗୁରୁତ୍ ଦେସିଁ

ଅଶୋକ କୁମାର ବେହେରା। ଘର୍ ବରଗଡ଼ ସହରର୍ ତଳିପଡ଼ା। ସେ ଖାଲି ଝନେ ଅଭିନେତା ନୁହଁନ୍, ଝନେ ନିର୍‌ଦେଶକ୍, ମାର୍‌ଗଦର୍‌ଶକ୍ ଆର୍ ଅଧାପକ୍ ବି ଆନ୍। ନାଟକ ଦେଶ ଆମର ତ ଦୋଷ କାହାର, ଗ୍ରସ୍ତ ଉପତ୍ୟକା, ହଜ୍‌ଲା ଫଗୁନ୍, ନିଏ ଅନିଏ, ଲିତା, ରବିଆଖିଆ, ବାଗ୍‌ଡ଼ି, ଫେକାରୀ, ମୋର୍ ଭାଏ ତୋର୍ ଭାଏ, ପେଟ୍ ଲେଖେଁ ୩ ଶହରୁ ଅଧିକା ନାଟ୍‌ଥି ସେ ଅଭିନଏ କରିଛନ୍। ସିଡୀ ଫିଲ୍ମ ଭାଲୁଗଡ଼ର୍ ରଜା, ଉସତ୍‌ବେଡ଼ା, ଆମର୍ ତିହାର୍, ମୁନୁଷ୍ ମଦାଙ୍ଗ୍, ପାଗଲ ଫୋର୍, ମାଏକି ସତେ, କାକୀ ନମ୍ବର ୱାନ୍‌ରେ ଅଭିନଏ କରି ସେ ବହୁତ୍ ପର୍‌ଶଁସା ସାଉଁଟିଛନ୍। ସେନ୍‌ତା ଟେଲି ସିରିଏଲ ମହାଯଜ୍ଞ, ଗିଜ୍‌ନି ଗିଜ୍‌ନି ତାକ୍, ଲଟ୍‌କନା, ଝୁମ୍‌କା ପର୍ଯ୍ୟାଁରୀଠାନୁ ଆରମ୍ କରି ସିନେମା ଅଲାର୍ ଆର୍ ବରଗଡ଼ ଧନୁଯାତ୍‌ରାରେ ବିଦୁଶକ୍ ଭୂମିକାନେ ନିଜର ଦମ୍‌ଦାର ଅଭିନଏ ଲାଗି ଦେଖନହାରିକର ପର୍‌ଶଁସା ସାଉଁଟିଛନ୍। ଇତାର ସଂଗେ ସବୁଠାନୁ ବଡ଼ ମୁକ୍ତାକାଶ ରଂଗମଞ୍ଚ ବରଗଡ଼ ଧନୁଯାତ୍‌ରା ମହୋଛବ୍‌ର ନାଟ୍ ବିଭାଗ୍‌ରେ ଅଶୋକଙ୍କର ବଡ଼ଭାରି ଭୂମିକା ଥିସି। ତାଁକର ମାର୍‌ଗଦର୍‌ଶନ୍‌ଥି ପାରିଷଦ୍‌ନୁ ମୂଲ୍ କରି ମହାରାଜ କଂସ ତକ୍ କଳାକାର ଅଭିନଏ କର୍‌ସନ୍। ଖାଲି ଏତ୍‌କି ନୁହେ, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଆଗ୍‌ରୁ ସିନେଟ୍ ସଦସ୍ୟ ହିସାବେ ନିର୍‌ବାଚିତ୍ ହେଇଥିବାର ଅଶୋକ ଏହେଦେ ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜରେ ଇତିହାସ ବିଭାଗ ମୁଖିଆ ଭାର୍ ସମ୍‌ଭାଲୁଛନ୍। ଇଥର ତାକର ମନର କଥାକେ ନେଇ ଆମର ଇ ଲେଖା ।



ଅଶୋକ ବେହେରା

**ଅଭିନଏ, ନିର୍‌ଦେଶନା ଆର୍ ଅଧ୍ୟାପନାରେ ଆପନ୍ ବହୁତ୍ ନାଁ କମେଇଛନ୍। ଇ ଭିତ୍‌ରୁ କେନ୍‌ଟାକେ ବେଶି ଗୁରୁତ୍ ଦେସନ୍?**

– ପେସା ଆର୍ ନିଶାକେ ଏକେସାର ରଖ୍‌ବାକେ ସବୁବେଲେ ଗୁରୁତ୍ ଦେସିଁ। ସେଟା ଅଭିନଏ ହେଉ କି ଅଧ୍ୟାପନା।

**ପେସା ଆର୍ ନିଶା ଭିତ୍‌ରେ ବାଲାନ୍ସ ଠିକ୍ ରହୁଛେ କି କାଣା ଅସ୍‌ବିଧା ହେସି?**

– ଇଛା ଥିଲେ ଉପେ ତାର୍ ମନ୍‌କେ ଆଏସି। କେତେବେଲେ କେନ୍‌ତା ସମସିଆର ସାମ୍‌ନା କର୍‌ବାକେ ପଡ଼ସି। ହେଲେ ସେ ସବୁକେ ସମ୍‌ଭାଲି ନେସିଁ।

**ଅଧାପନା ଆର୍ ନିର୍‌ଦେଶନା ଭିତ୍‌ରୁ କେନ୍‌ଟା ଆପନ୍‌କୁ ଭଲ୍ ଲାଗ୍‌ସି?**

–କଲେଜରେ ଥିଲାବେଲେ ପାଠ୍ ପଢ଼ାବାକେ ଭଲ୍ ଲାଗ୍‌ସି ସେନ୍‌ତା ଆଖିଡ଼ାଶାଲ୍‌କେ ଆଏଲେ ନିର୍‌ଦେଶନା ଦେବାକେ୍ ମନ୍ ଲାଗ୍‌ସି। ଆଉର ମଞ୍ଚରେ ଅଭିନଏ କରୁଥିବାର ଚରିତ୍‌ର ଭିତ୍‌ରେ ବୁଡିଯାଏସିଁ।

**ଆପନ୍ ପରିବାର ଲାଗି କେତେ ସମିଆ ଦେସନ୍?**

–ସତ୍ କହେଲେ ପରିବାରକେ ଯେତ୍‌କି ସମିଆ ଦେବାର କଥା ନାଇଁ ଦେଇପାର୍‌ବାର। ହେଲେ ମୋର ମାଏଝି ସନ୍ତୋଷ୍ଟା ଆର୍ ପୁଓ ଆୟୁଷ୍ମାନ୍ ଅଭିଯୋଗ୍ କର୍‌ବାର ବଦ୍‌ଲା ମୋତେ ଭିନେ ଭିନେ କ୍ଷେତ୍‌ରରେ ଉଛାହିତ୍ କର୍‌ସନ୍।

**କିଛି ଅଭୁଲା ସୁଁର୍‌ତି?**

– 'ଦେଶ ଆମର ତ ଦୋଷ କାହାର' ନାଟ୍ କେନ୍ଦୁଝରରେ ମଞ୍ଚସ୍ଥ ହେଉଥିଲା। ପୁଲିସ୍ ଭୂମିକାନେ ଅଭିନଏ କରୁଥିବାର କଲାକାରକଁର ବୁଟ୍ ମାଡ୍‌ଥି ମୋର ଅଁଟାରୁ ରକତ୍ ବାହାରୁଥିଲା। ହେଲେ ଅଭିନଏ କରୁଥିଲା ସମିଆରେ ଦରଦ୍ ହେବାର ନାଇଁ ଜାନିପାରି। ଅଭିନଏ ସଏଲା ଉତାରୁ ଦରଦ୍‌ଟା ଜନାପଡ୍‌ଲା। ସେ କଥାଟା ଆଏଜ୍ ବି ମୋର ଶୋର୍ ଅଛେ।

**ଆପନ୍‌କର ପହେଲା ଅଭିନୀତ୍ ନାଟ୍ କେନ୍‌ଟା?**

– ମୋତେ ସେ ସମିଆରେ ୧୫ ବଛର୍ ହେଉଥିଲା। 'ବାଣାହରଣ, ଗଣେଶ ଜନ୍ମ' ନାଟ୍‌ରେ କୃଷ୍ଣ ଆର୍ ଗଣେଶ ଭୂମିକାନେ ଅଭିନଏ କରିଥିଲି।

**ବରଗଡ଼ ଧନୁଯାତ୍‌ରାରେ ଆପନ୍ କେନ୍ ଚରିତ୍‌ରରେ ଅଭିନଏ କର୍‌ସନ୍?**

– ଆଗ୍‌ରୁ ରଂଗ୍‌ସଭାରେ ରାଜା ହିସାବେ ଅଭିନଏ କରୁଥିଲି। ପଛେ ବିଦୂଷକ୍ ହିସାବେ, ରଂଗ୍‌ସଭା ଦିନ ଭିନେ ଭିନେ ପଦ ପଦ୍‌ବୀରେ ଥିବାର କରମ୍‌ଚାରୀମାନ୍‌କୁ ପ୍ରଶ୍ନ ପଚାରି କଂସ ମହାରାଜକଁର ସାମ୍‌ନାରେ ଉତର ରଖ୍‌ବାକେ କହେସିଁ।

**ନାଟ୍ ସଏଲା ଉତାରୁ ଦେଖନହାରିକଁରନୁ କେଭେ ପର୍‌ଶଁସା କି ଗାଲି ଶୁନିଛନ୍ କାଏଁ?**

–ହଁ, ପର୍‌ଶଁସା ପାଇଛେଁ। ସମ୍ବଲପୁର ଆରଣ୍ୟକ ମଞ୍ଚରେ 'ଫେକାରୀ' ନାଟ୍ ସଏଲା ଉତାରୁ ଥାଲାସେମିଆ ରୋଗ୍‌ରେ ପୀଡ଼ିତ୍ ଥିବାର କେତେଝନ୍ ପିଲାକର ଅଭିଭାବକ୍ କାଁଦିକାଁଦି ମୋତେ ପୁଟ୍‌ଲେଇ ଧରିଥିଲେ। ସଉଭାଏଗ୍‌କେ ସେ ନାଟ୍‌ଥି ମୁଇଁ ଶ୍ରେଷ୍ଠ ଅଭିନେତା ହିସାବେ ପୁରସ୍‌କ୍ରୁତ୍ ହେଇଥିଲି।

**ଆପନ୍‌କର ମନ୍‌ପସନ୍‌ର ଓଲିଉଡ୍ କଳାକାର?**

–ଅଶ୍ରୁମୋଚନ ମହାନ୍ତି। ତାଁକର ଅଭିନଏ ମୋତେ ପେର୍‌ନା ଯୁଗେଇ ଆସିଛେ।

**ଆପନ୍‌କର ଜୀବନ୍‌ର ଲକ୍ଷ୍ୟ?**

– ଜୀବନ୍ ଗୁଟେ ନାଟ୍ ଆଏ। ଅଭିନଏରୁ ଆରମ୍ ଆଉର୍ ଅଭିନଏଥି ଶେଷ ହେବା ମୋର୍ ଜୀବନ୍। ଦେଖନ୍‌ହାରିକଁର ହୁରୁଦ୍ ଜିତ୍‌ବାର ମୋର ଗୁଟେ ନ ଲକ୍ଷ୍ୟ।

ରିପୋର୍ଟ: ପ୍ରେମାନନ୍ଦ ଖମାରୀ

ନିଜ କଥା

# ପୁଅର ଅଭିନୟ ଆଖିରେ ଲୁହ ଭରି ଦେଇଥିଲା

ପୁଅର ଅଭିନୟ ମୋ ଆଖିରେ ଲୁହ ଭରି ଦେଇଥିଲା। ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ଅଭିନେତା ବିଜୟ ମହାନ୍ତିଙ୍କ ସହିତ ମୋ ପୁଅ ଅଂଶୁମାନ 'ଅନ୍ତର୍ଲିନ' ନାମକ ଏକ ଚଳଚ୍ଚିତ୍ରରେ ଜଣେ ଅଟିଷ୍ଟିକ ଶିଶୁ ଭୂମିକାରେ ଅଭିନୟ କରିଥିଲେ। ବିଜୁ ପଟ୍ଟନାୟକ ଟିଭି ଓ ଫିଲ୍ମ ଇନଷ୍ଟିଚ୍ୟୁଟରେ ଏହି ସିନେମା ପ୍ରଦର୍ଶିତ ହେଉଥାଏ। ଭରପୂର ଦର୍ଶକ ଯେତେବେଳେ ଅଂଶୁମାନର ନିଖୁଣ ଅଭିନୟ ଦେଖି ତାଳି ମାରିଥିଲେ ସେତେବେଳେ ମୁଁ ଭାବବିହ୍ୱଳ ହୋଇ ପଡିଥିଲି। ଏହି କଥା କହିଛନ୍ତି ପୂର୍ବ ଭାରତର ଏକମାତ୍ର ମହିଳା କ୍ୱାଲିଫାଏଡ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ ତଥା ଏସସିବି ମେଡିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗର ସହକାରୀ ପ୍ରଫେସର ଡା. ହରିଭକ୍ତି ସେବା ଦାସ। ୧୯୬୮ରେ ବାଲେଶ୍ୱର ସହରରେ ଜନ୍ମ ଗ୍ରହଣ କରିଥିବା ଏହି ମହିଳା ଡାକ୍ତର ୧୯୮୩ରେ ମାଟ୍ରିକ ପାସ କରିବା ପରେ ବ୍ରହ୍ମପୁର ମେଡିକାଲ କଲେଜରୁ ଏମ୍‌ବିବିଏସ, ପିଜି ଓ ପରେ ବମ୍ବେରେ ଡିଏମ ପାଠ୍ୟକ୍ରମ ଶେଷ କରି ଏବେ ରୋଗୀ ସେବା ଜାରି ରଖିଛନ୍ତି। ଡାକ୍ତର ଦାସଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ତାଙ୍କୁ ପଚରାଯାଇଥିବା କେତୋଟି ପ୍ରଶ୍ନ।



**ପ୍ରଥମ ଦରମାରେ କ'ଣ କରିଥିଲେ?**
୧୯୯୦ରେ ଏମବିବିଏସ୍ ଶେଷ ପରେ ହାଉସମେନଶିପ୍(ଇଣ୍ଟର୍ନଶିପ)ରେ ୧୦୦୦ ଟଙ୍କା ଷ୍ଟାଇପେଣ୍ଡ ଆକାରରେ ମିଳିଥିଲା। ଫଟୋ ଉଠାଇବା ମୋର ଏକ ସଉକ। ପ୍ରଥମ ଦରମାରେ ଏକ କ୍ୟାମେରା କିଣିଥିଲି।

**କେଉଁ ରଙ୍ଗକୁ ପସନ୍ଦ କରନ୍ତି?**
ମୁଁ ନାଲି ରଙ୍ଗର ପୋଷାକ ପିନ୍ଧିଲେ ବିଭୂତି(ସ୍ୱାମୀ–ବିଭୂତି ଭୂଷଣ ନାୟକ, ସହଯୋଗୀ ପ୍ରଫେସର, ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ, ଏସ୍‌ସିବି ମେଡିକାଲ) ପସନ୍ଦ କରନ୍ତି। ତେଣୁ ନାଲି ରଙ୍ଗ ପ୍ରତି ମୋର ଅହେତୁକ ଦୁର୍ବଳତା।

**କେଉଁ ଖାଦ୍ୟକୁ ଭଲ ରୋଷେଇ କରି ଜାଣନ୍ତି?**
ରୋଷେଇରେ ସେତେଟା ସିଦ୍ଧହସ୍ତ ନୁହେଁ। ତେବେ ନର୍ମାଲ ରୋଷେଇ କରିବାରେ କିଛି ଅସୁବିଧା ନାହିଁ।

**ସିନେମା ଦେଖନ୍ତି?**
ସିନେମା ଦେଖିବାକୁ ମୋତେ ବହୁତ ଭଲ ଲାଗେ। ଅମିତାଭ ବଚ୍ଚନ ଓ ରେଖା ମୋର ପ୍ରସନ୍ଦର ଅଭିନେତା, ଅଭିନେତ୍ରୀ। ଶେଷଥର ପାଇଁ ଅକ୍ଷୟ କୁମାର ଅଭିନୀତ 'ଗୋଲ୍ଡ' ଚଳଚ୍ଚିତ୍ର ଦେଖିଥିଲି।

**ଗୀତ ଶୁଣନ୍ତି?**
ଗୀତ ଶୁଣିବା ପ୍ରତି ମୋର ଦୁର୍ବଳତା ରହିଛି। ଲତା ମଙ୍ଗେସ୍‌କର ଓ ମହମ୍ମଦ ରଫିଙ୍କ ସହିତ ପ୍ରଣବ ପଟ୍ଟନାୟକଙ୍କ ଗୀତ ମୋତେ ଭଲ ଲାଗିଥାଏ।

**ବହି ପଢନ୍ତି?**
ପଢାପଢି, ଲେଖାଲେଖି ପ୍ରତି ବହୁତ ଦୁର୍ବଳତା। ଅନେକ ଗଳ୍ପ ଓ କବିତା ମୁଁ ଲେଖିଛି। ସ୍କୁଲ କ୍ୟାରିୟରରୁ ମୁଁ ବକ୍ତୃତା ଦେବାରେ ଏକ୍ସପର୍ଟ ଥିଲି। ହେଲେ ଏବେ ଝିଅ ମେଡିକାଲ ପଢୁଥିବାରୁ ତା' ପାଠ ପଢାରେ ମୋତେ ସମୟ ଦେବାକୁ ପଡୁଛି। ଏହାବାଦ୍ ବୃତ୍ତିଗତ ଜୀବନରେ ମଧ୍ୟ ଫୁରସତ ମିଳୁ ନ ଥିବାରୁ ଲେଖାଲେଖି ଓ ପଢାପଢି ପାଇଁ ସମୟ ପାଉନି।

**ମାର୍କେଟିଂ କରନ୍ତି?**
ନିୟମିତ ମାର୍କେଟିଂ କରିଥାଏ। ପିଲାମାନଙ୍କୁ ନେଇ ମାର୍କେଟିଂ କରିବାରେ ବହୁତ ଆନନ୍ଦ ପାଇଥାଏ।

**ଲଭ୍ ନା ଆରେଞ୍ଜ ମ୍ୟାରେଜ?**
ସମ୍ପୂର୍ଣ୍ଣ ପ୍ରେମ ବିବାହ। ବିଭୂତି ଓ ମୁଁ ବ୍ରହ୍ମପୁର ମେଡିକାଲ କଲେଜରେ ସାଙ୍ଗ ହୋଇ ପଢୁଥିଲୁ। କ୍ଲାସରୁମ୍‌ରୁ ପରସ୍ପରକୁ ଭଲ ପାଇ ବସିଥିଲୁ ଓ ଶେଷରେ ସାରା ଜୀବନ ଏକାଠି ରହିବାକୁ ନିଷ୍ପତ୍ତି ନେଇଥିଲୁ।

**ସ୍ୱାମୀଙ୍କ କେଉଁ ଗୁଣ ଆପଣଙ୍କୁ ଭଲ ଲାଗେ?**
ବିଭୂତି ହେଉଛନ୍ତି ବହୁତ ସରଳ ଓ ନିଷ୍ଠାପର। କାହାରି ମନରେ ଆଘାତ ଦେବା ଭଳି କଥା ସେ କୁହନ୍ତି ନାହିଁ। ତାଙ୍କର ଏହିସବୁ ଗୁଣ ମୋତେ ବହୁତ ଭଲ ଲାଗିଥାଏ।

**ଜୀବନର ଅଭୁଲା ସ୍ମୃତି?**
ପୁଅ ଅଂଶୁମାନର ଅଭିନୟ ଦେଖି ଯେତେବେଳେ ଦର୍ଶକମାନେ ଭୂରି ଭୂରି ପ୍ରଶଂସା କରିଥିଲେ ମୋତେ ସେତେବେଳେ ବହୁତ ଆନନ୍ଦ ଲାଗିଥିଲା। ସେ ଦିନ ମୋର ସବୁଦିନ ମନେରହିବ।

**–ସାକ୍ଷାତ୍: ନିର୍ମଳ ପଣ୍ଡା**



ମୋର୍ ଅନୁଭୂତି

**ଅଭିନେତା, ମଡେଲ: ଶୁଭାଶିଷ ଶର୍ମା**

| ଜନମ୍: ଏପ୍ରିଲ ୧ | ଏହେଦ୍‌କାର ଠିକ୍‌ନା: କଟକ |
|---|---|

ସଫଲ୍‌ତା: ଏକାଧିକ୍ ମେଗା ଧାରାବାହିକ୍ ଆର୍ ୧୫ରୁ ଅଧିକା ଚଲଚିତ୍‌ରରେ ଅଭିନଏ। 'ନିଶ୍ୱାସ ତୋ ବିନା ଚାଲେନା', 'ମୁଁ ତୋ ଦିୱାନା', 'ପ୍ରିୟାରେ', 'ଫେରିଲା ନିଃଶ୍ୱାସ' ଲେଖେଁ ବହୁତ୍‌ଟେ ମ୍ୟୁଜିକ୍ ଭିଡିଓରେ ଅଭିନଏ କରିଛନ୍। ଦଶରା ବେଲ୍‌କେ ରିଲିଜ୍ ହେବାରକେ ଥିବାର ଫିଲ୍ମ ହେଉଛେ 'ସାଥୀ ତୁ ଫେରି ଆ'।

## ନାଲେ ବୁଡ଼ି ଯାଉନ୍ ଯାଉନ୍ ଅଲପକେ ବଁଚିଥିଲି

ଧାରାବାହିକ୍ 'ତୁଳସୀ'ରେ କ୍ରିଷ୍ଣା ଚରିତ୍‌ରରେ ପହେଲା କରି ପରଦାକେ ଉତ୍‌ରିଥିଲେ ଅଭିନେତା ଶୁଭାଶିଷ୍ ଶର୍ମା(ଡାକ୍ ନାଁ ମଣ୍ଟୁ)। ପଛେ ସେ 'ଅପା', 'ଆଇନା' ଲେଖେଁ ବହୁତ୍‌ଟେ ଧାରାବାହିକ୍‌ରେ ନିଜର ଅଭିନଏର ଯାଦୁ ଦେଖାବାର ସୁଯୋଗ୍ ପାଇଥିଲେ। ହେଲେ ମେଗା ଧାରାବାହିକ୍ 'ସ୍ୱାଭିମାନ'ର ଆଦିତ୍ୟ, ଆଦି ନାଁରେ କରିଥିବାର ଅଭିନଏ ତାକର ଜୀବନର ଟର୍ନିଂ ପଏଣ୍ଟ ହେଇଥିଲା। ସେନ୍‌ତା ୨୦୧୦ରେ ଓଡ଼ିଆ ଚଲଚିତ୍‌ର 'ପ୍ରେମ ଅଢ଼େଇ ଅକ୍ଷର'ରୁ ସେ ଫିଲ୍ମ ଦୁନିଆଁରେ ପାଦ୍ ଥାପିଥିଲେ। ଇତାର ଭିତ୍‌ରେ ସେ 'କିଏ ସେ ଡାକୁଛି କୋଉଠି ମତେ', 'କ୍ରିମିନାଲ୍', 'ତୁ ମୋ ଆରମ୍ଭ ତୁ ମୋ ଶେଷ', 'କ୍ରିଷ୍ଣା ଗୋବିନ୍ଦା' ଲେଖେଁ ବହୁତ୍‌ଟେ ଚଲଚିତ୍‌ରରେ ଅଭିନଏ କରି ସାରିଛନ୍। ତାକର ପିଲାଦିନୁ ଅଭିନଏରେ ରୁଚି ଥିଲା। ବଡ଼ଭାରି ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କୁଁ ଦେଖି ସେ ଅଭିନଏ ଦିଗ୍‌କେ ଝୁକିଥିଲେ। ଛୋଟ୍‌ବେଲର ଇ ସପନ୍‌କେ ସାକାର କର୍‌ବାରେ ସନ୍ଦୀପ ରାଉତ ଆର୍ ସୁବ୍ରତ ନାୟକ ପହେଲା ସହାୟକ୍ ହେଇଥିଲେ। ଛୁଆ ବେଲର ଗୁଟେ ଅଭୁଲା ସୁଁତିକେ ସେ ଆମର ଆଘେ ବଖାନିଛନ୍।

ପିଲାବେଲେ ମୁଇଁ ଆମର ଗାଁ କେନ୍ଦ୍ରାପଡ଼ାରେ ରହି ପାଠ୍ ପଢୁଥିଲି। ସେ ସମିଆରେ ୬ଷ୍ଠ ଶ୍ରେଣୀରେ ପଢୁଥାଏଁ। ସଭାବ୍‌ରେ ମୁଇଁ ଏତେ ହର୍‌ବରିଆ ନାଇଁଥାଇ, ଯେନ୍‌ଥିରଲାଗି ପାଖାପାଖି ସବୁ ସାଂଗ୍‌ସାଥିକର ସଂଗେ ମୋର୍ ଭଲ୍ ସମ୍ପର୍କ ଥିଲା। ଫିଦିନ୍ ସ୍କୁଲ ଯିବାର ଆଗ୍‌ରୁ ଗାଁରେ ଥିବାର ଗୁଟେ ନାଲ୍‌କେ ଗାଧି ଯାଉଥିଲୁଁ। ସବୁଦିନ ଲେଖେଁ ସେଦିନ ବି ସାଂଗ୍‌ମାନେ ମିଶି ନାଲ୍‌କେ ଯାଇଥିଲୁଁ। ଏନ୍‌ତା ମଜା ମଜ୍‌ଲିସ୍ କଲାବେଲେ ସାଂଗ୍‌ମାନେ ମତେ ନାଲ୍‌କେ ପେଲ୍‌ଘେଇ ଦେଲେ। ମୁଇଁ ସେତେବେଲେ ପହଁରା ନାଇଁ ଶିଖିଥାଇ। ସେ ସମିଆରେ ନାଲେ ଅଧିକା ପାଏନ୍ ଥିବାର ଲାଗି ପାଖାପାଖି ମୁଇଁ ବୁଡ୍‌ବାର ଅବସ୍‌ତାରେ ଥାଏଁ। ବୁଡି ଯାଉଛେଁ ମତେ ପାଏନ୍‌ରୁ ବାହାର କର ବଲି ମୁଇଁ ରଡି ସାଂଗ୍‌ମାନ୍‌କୁ ଡାକୁଥାଏଁ। ହେଲେ ସେମାନେ ମତେ ଦେଖି ହଁସୁଥାଆନ୍। ମୁଇଁ ଯେ ସତେ ବୁଡିଯାଉଛେଁ ସେ କଥା ସେମାନେ ବିଶାସ୍ ନାଇଁ କରୁଥାଇ। ଶେଷେ ବଡ଼ାକଷ୍‌ଟେ ପାଏନ୍ ଭିତ୍‌ରେ ବୁଡି ବୁଡି ନାଲ୍ ତରେ ଥିବାର ଗୁଟେ ଲହକେ ଧରି ପାଏନ୍‌ରୁ ଉଠ୍‌ଲି। ନାଲୁ ବାହାର୍‌ଲା ଉତାରୁ ସାଂଗ୍‌ମାନ୍‌କୁ ରାଗ୍ ହେବାର ସଂଗେ ମୁଇଁ ସତେ ବୁଡି ଯାଉଥିଲି ବଲି କହିଥିଲି। ତା'ପରେ ସେମାନେ ନିଜର ଭୁଲ୍ ବୁଝି ମତେ ଭୁଲ୍ ମାଗିଥିଲେ। ଘଟ୍‌ନାଟା ବାବ୍‌ଦେ ଘରେ ଜାନ୍‌ଲେ ବଢ଼େ ରାଗ୍ ହେବେ ବଲି ମୁଇଁ ନାଇଁ କହି। ହେଲେ ସେଦିନର ସେ ଘଟ୍‌ନା ଆଏଜ୍‌ବି ଶୋର୍ ପଡ଼ଲେ ଭଏରେ ରୁମ୍‌ଟାଁକ୍‌ରି ଯାଏସି।

**–ରିପୋର୍ଟ: ବନ୍ଦନା ସେଠୀ**

# ଶ୍ରୁତାଙ୍କର ସଂଗେ ସମ୍ପର୍କ ମୋର୍ ରିଲେଶନଶିପ ଗୋଲ୍

ଧରିତ୍ରୀ ଆଲାପ

ଅନ୍ତରା ଚକ୍ରବର୍ତ୍ତୀ

**୮୦ଟା ଫିଲ୍ମ, ୫୦୦ ଆଲବମ୍ ଆର୍ ୧୫ଟା ଟେଲି ସିରିଏଲ୍‌ର ଟାଇଟଲ ଟ୍ରାକ୍ ଖାଲି ଏତ୍‌କି ନୁହେ, ୮୦୦ରୁ ଅଧିକା ମ୍ୟୁଜିକ୍ ଭିଡିଓରେ କଣ୍ଠଦାନ୍ କରିଛନ୍ ଅନ୍ତରା ଚକ୍ରବର୍ତ୍ତୀ। ସଂଗୀତ୍ କ୍ଷେତ୍ରରେ ଉତ୍କର୍ଷ ଲାଗି ଓଡ଼ିଆ ଫିଲ୍ମ ଆର୍ ମ୍ୟୁଜିକ୍ ଇଣ୍ଡଷ୍ଟ୍ରିର ଝନେ ନାଁକରା, ଜନାଶୁନା ଚେହେରା ପାଲଟିଛନ୍ ଇ ଯୁବ କଣ୍ଠଶିଳ୍ପୀ। ମଧୁର କଣ୍ଠସ୍ବର ସଂଗେ ତାକର ନିଆରାପନ୍ ଆଜି ତାହାକୁ ଝନେ ଜନାଶୁନା ପରଦାପଛର ଗାୟିକାର ପରିଚଏ ଦେଇଛେ। ଭଜନରୁ ଆରମ୍ଭ କରି ରୋମାଣ୍ଟିକ୍, ଇଣ୍ଡୋ-ୱେଷ୍ଟର୍ନ ଗୀତ୍ ତକ୍, ସବୁଥି ନିଜର ପାର୍‌ବାର୍‌ପନ୍ ଦେଖେଇଛନ୍ ଅନ୍ତରା। ସବୁନୁ ସାନ୍ କଣ୍ଠଶିଳ୍ପି ହିସାବେ ରାଏଜ୍ ଚଲଚିତ୍ର ପୁରସ୍କାର ପାଏବାରେ ବି ତାକର ନାଁ ଅଛେ। ଓଡ଼ିଆରୁ ବଙ୍ଗଳା ଆର୍ ଏହେଦେ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରି ଆଡ୍‌କେ ମୁହଁଉଥିବାର ଇ ୨୫ ବଛରିଆ କଣ୍ଠଶିଳ୍ପି ରାଏଜ୍ ଆର୍ ଦେଶ ବାହାରେ ଓଡ଼ିଆ ଗୀତ୍ ପରିବେଷନ୍ କରି ଓଡ଼ିଶାର ନାଁ'କେ ଆହୁରି ଉପର୍‌କେ ନେଇଛନ୍। ଇଥର 'ଧରିତ୍ରୀ ଆଲାପ' କଲମ୍‌ରେ ଅନ୍ତରାଙ୍କର ସଂଗେ ହେଇଥିବାର ଆମର କିଛି ଖାସ୍ କଥାବାର୍ତ୍ତା ଠାନ୍ ପାଇଛେ।**

**ମ୍ୟୁଜିକ୍ ଜର୍ନି କେବ୍‌ଠାନୁ ଆରମ୍ଭ କରିଥିଲେ? କିଏ ଇଥିର୍‌ଲାଗି ପେରଣା ଦେଇଥିଲେ?**

ବହୁତ ଛୋଟବେଲୁ ମ୍ୟୁଜିକ୍ ଶିଖିବାର ଆରମ୍ଭ କରିଥିଲି। ୪ ବଛର ହେଲାବେଳେ ପହେଲା ମା'ଠାନୁ ଗୀତ୍ ଶିଖୁଥିଲି, ପଛେ ହିନ୍ଦୁସ୍ତାନୀ କ୍ଲାସିକାଲ୍ ମ୍ୟୁଜିକ୍‌ରେ ଟ୍ରେନିଂ ନେଲି। କ୍ଲାସ୍ ୭ରେ ପଢ଼ଲା ବେଲେ ସରୋଜ ପରିଡ଼ାଙ୍କରୁ ଗୀତ୍ ଶିଖୁଥିଲି, ସେ ସମିଆରେ ବସନ୍ତ ସାର୍‌ଙ୍କର 'ମଉଡମଣି' ଫିଲ୍ମର ଶୁଟିଂ ହେଉଥିଲା। ସାର୍ ମୋତେ ଗୀତ୍ ଗାଏବାକେ ସେଠାନ୍‌କେ ନେଇକରି ଯାଇଥିଲେ। ଝନେ ଶିଶୁ କଳାକାରଙ୍କର ଲାଗି ଗୀତ୍ ଗାଇଥିଲି। ଇତାର ପରେ କ୍ଲାସ୍ ୯ରେ ପଢ଼ଲା ବେଲେ ଗୁଟେ ପ୍ରୋଗ୍ରାମରେ ଗୀତ୍ ଗାଉଥିଲା ବେଲେ ଅଭିଜିତ ଦା' ତାକର ଫିଲ୍ମ ଲାଗି ଅଫର୍ ଦେଇଥିଲେ। 'ଜଗୁ ଅଟୋବାଲା' ଫିଲ୍ମର 'ଭିଜା ଭିଜା କୁହିଡି ତଳେ' ଗୀତ୍ ମୋର୍ ପହେଲା ବ୍ରେକ୍ ଥିଲା। ମୋର ବାବା, ମା' ନ ସବୁଠାନୁ ବଡ଼ ପେରଣା।

**ରିଆଲିଟି ଶୋ' ଆପନ୍‌କୁ ଝନେ ବଡ଼ ପ୍ଲେବ୍ୟାକ୍ ସିଙ୍ଗର ହେବାରେ ସାହାଯ କରିଥିଲା କାଏଁ?**

ମୁଇଁ କେହେନ୍‌ସି ରିଆଲିଟି ଶୋ'କେ ନାଇଁଯାଇ କି କେଭେ ଭାଗ୍ ନାଇଁନେଇ। ମୋର୍ ହିସାବେ ରିଆଲିଟି ଶୋ' ଘଡେଇଛନେ ଲାଗି ସଫଲତା ଦେସି। ଇଣ୍ଡଷ୍ଟ୍ରିରେ ବହୁତ୍‌ଦିନ୍ ତକ୍ ରହେବାକେ ହେଲେ କଠିନ୍ ପରିଶ୍ରମ କର୍‌ବାର ଦର୍‌କାର। ସେଥିର୍‌ଲାଗି ମୁଇଁ ରିଆଲିଟି ଶୋ'ର ଜରିଆରେ ନୁହେ, ସିଧା ବାଟ୍‌କେ ପସନ୍ କର୍‌ସିଁ।

**ସୋସିଆଲ ମିଡିଆ, ରିଆଲିଟି ଶୋ' ପ୍ଲାଟଫର୍ମ ବଡ଼ିଂ ଟ୍ୟାଲେଣ୍ଟମାନ୍‌କୁ ନିଜର ପର୍‌ତିଭା ପଦର୍ଶନ ଲାଗି କେତେଦୂର ସାହାଯ କରୁଛେ?**

ହଁ, ପର୍‌ତିଭା ପଦର୍ଶନ୍ କ୍ଷେତ୍ରରେ ସୋସିଆଲ ମିଡିଆ ନିହାତି ସାହାଯ୍ କରୁଛେ, ଇଥିରେ ହେନ୍ତା କିଛି ସମସିଆ ନାଇଁନ। ଇଠାନେ ଆପନ୍ ନିଜର ମନମୁତାବକ୍ ଗୀତ୍ ଗାଇପାରବେ ଆର୍ ନିଜର ପବ୍ଲିସିଟି ଲାଗି ତାହାକେ ଶେୟାର କରିପାର୍‌ବେ। ଯେନ୍‌ଥିରୁ ଖୁସି ମିଲ୍‌ବା ଆର୍ କାମ୍ ବି ମିଲ୍‌ବା। ହେଲେ ମୋର୍ ହିସାବେ ରିଆଲିଟି ଶୋ' ଗୁଟେ ଭୁଲ୍ ଫର୍ମୁଲା। କାରନ୍ କ୍ରିଏଟିଭ୍ ଆର୍ଟରେ କେଭେ ପର୍‌ତିଯୋଗିତା ନାଇଁ ହେବାର କଥା। ଯଦି ୧୦ ଝନ୍ କଣ୍ଠଶିଳ୍ପି ଗାଉଛନ୍ ସେମାନକର ଗାଏବାର ଶଇଲି ଭିନେ, କଣ୍ଠସ୍ବର ଭିନେ ଆଏ। ସେଥିର୍‌ଲାଗି ସେମାନ୍‌କର ଭିତ୍ରୁ ପର୍‌ଥମ୍, ଦୁତିଅ, ତୃର୍‌ତିଅ ବାଛବାର୍‌ଟା ପହେଲା ଭୁଲ୍। ସେଥିର୍‌ଲାଗି ଆଏଜ୍‌ତକ୍ ମୁଇଁ କେହେନ୍‌ସି ରିଆଲିଟି ଶୋ'ରେ ଭାଗ୍ ନାଇଁନେଇ।

**ୟୁଟ୍ୟୁବ୍, କାରାଓକେ, ଷ୍ଟାର୍‌ମେକର୍ ଲେଖେଁ ଆପ୍ ଯୁଗ୍‌ରେ ସଭେ ନିଜ୍‌କୁ ଝନେ ଝନେ ସିଙ୍ଗର ଭାବୁଛନ୍। ସେ ବାବ୍‌ଦେ କାଣା କହେବେ?**

'ଷ୍ଟାର୍‌ମେକର' ଏକ ଆପ୍ ଅଛେ ବଲି ମୁଇଁ ବହୁତ୍ ପଛେ ଜାନ୍‌ଲି। ମୋର୍ ଶ୍ରୁତାମାନେ ଯେତେବେଲେ ମୋର୍ ଗୀତର ଟ୍ରାକ୍‌ରେ ଗାଇ ମୋତେ ଆପ୍ ଲିଙ୍କ୍ ପଠାଲେ ସେତେବେଲେ ମୁଇଁ ଇ ବାବ୍‌ଦେ ଜାନ୍‌ଲି। ଦେଖିବାକେ ଗଲେ କେତେଟା ଦୃଷ୍ଟିକୋଣ୍‌ରୁ ଇଟା ଭଲ୍ ବି ଆଏ। ଯାହାର ପାସେ ପର୍‌ତିଭା ଅଛେ ହେଲେ ଷ୍ଟେଜ୍ ନାଇଁ, ସେମାନକର ଲାଗି ଏନ୍ତା ଆପ୍ ସୁଯୋଗ ସୃଷ୍ଟି କରୁଛେ। ନିଜର ପର୍‌ତିଭାକେ ସେମାନେ ଆପ୍ ଜରିଆରେ ଦେଖିପାରୁଛନ୍। ଇତାର ବାହାରେ ଟାଇମ୍‌ପାସ୍ ଆର୍ ମଜା ମଜ୍‌ଲିସ୍ କର୍‌ବାର ଲାଗି ଗୁଟେ ଭଲ୍ ଉପେ। ମୁଇଁ ବି ଏଭେ ଫୁର୍‌ସତ୍ ପାଏଲେ ଷ୍ଟାର୍‌ମେକର ଟ୍ରାଏ କରୁଛେଁ।

**କଭର୍ ସଙ୍ଗ୍ କର୍‌ବାର୍‌ଟା ଆଏଜ୍‌କାଲି ଗୁଟେ ଟ୍ରେଣ୍ଡ ହେଇଗଲାନ। ଆପନ୍ କେଭେ ଟ୍ରାଏ କରିଛନ୍ କାଏଁ?**

ମୁଇଁ କେଭେ କଭର ସଙ୍ଗ୍ ନାଇଁକରି, ଯାହା ବି କରିଛେଁ ନୂଆଁ କମ୍ପୋଜିଶନ୍‌କେ ନେଇ କରିଛେଁ। କିଛିଦିନ୍ ତଲେ ମୋର୍ ହିନ୍ଦୀ ସିଙ୍ଗଲ 'ସପ୍ନୋ କା ଯାହାଁ' ୟୁଟ୍ୟୁବ୍‌ରେ ରିଲିଜ୍ ହେଇଥିଲା। ଇତାର ବାହାରେ ବହୁତ୍ ମ୍ୟୁଜିକ୍ ଭିଡିଓ ଲାଗି ବି ଗାଉଛେଁ। ମ୍ୟୁଜିକ୍‌କେ ଯେନ୍‌ମାନେ ନୂଆଁକରି ଆସୁଛନ୍ କି ଯେନ୍‌ମାନେ ଇଣ୍ଡଷ୍ଟ୍ରି ଲାଗି ଫ୍ରେଶର ସେମାନେ କଭର କଲେ ଲାଭ୍‌ଦାଏକ୍ ହେବା। ଯେହେତୁ ଆମେ ବଛର୍‌କେତେ ହେଲା କାମ୍ କରୁଛୁଁ, ଆମର ଗୀତ୍ ଲୋକ୍ ଶୁନୁଛନ୍, ସେଥିର୍‌ଲାଗି କଭର କରି କିଛି ଫାଏଦା ନାଇଁ।

**ଗାଏବାକେ ଆର୍ ଶୁନ୍‌ବାକେ କେନ୍ ପର୍‌କାର ମ୍ୟୁଜିକ୍ ଭଲ୍‌ଲାଗ୍‌ସି? କ୍ଲାସିକାଲ, ଫୋକ୍, ଇଡିଏମ୍, ପପ୍ କି ଆର୍ କେନ୍ତା?**

ମୁଇଁ କ୍ଲାସିକାଲ ଶିଖୁଛେଁ। ହିନ୍ଦୁସ୍ତାନୀ କ୍ଲାସିକାଲରେ ବିଶାରଦ ବି କରିଛେଁ। ହେଲେ ସବୁପର୍‌କାର ଗୀତ୍ ଗାଏବାକେ ଭଲ୍‌ଲାଗ୍‌ସି। ରୋମାଣ୍ଟିକ୍ ଆର୍ ଇଣ୍ଡୋ-ୱେଷ୍ଟର୍ନ ବେଶି ଭଲ୍ ଲାଗ୍‌ସି। ଶୁନ୍‌ବାରଟା ସବୁବେଲେ ମୋର୍ ମୁଡ୍ ଉପ୍‌ରେ ନିର୍‌ଭର କର୍‌ସି।

**ଷ୍ଟେଜ୍‌ରେ ଗୁଟେ ମନେରଖ୍‌ଲା ଘଟ୍‌ନା ବାବ୍‌ଦେ କହେବେ କାଏଁ?**

ମୁଇଁ ପହେଲାକରି ଆମେରିକାରେ ଗୁଟେ ଷ୍ଟେଜ୍ ଶୋ' କରୁଥିଲି। ମନ୍‌ଭିତ୍‌ରେ ବହୁତ୍ ଡର ଥିଲା ଆର୍ ନର୍ଭସ୍ ଫିଲ୍ କରୁଥିଲି। କାରନ୍ ସେଠାନେ ମୁଇଁ ସବୁନୁ ସାନ୍ ପର୍ଫମର ଥିଲି। ହେଲେ ମୋର୍ ଆଶଁକା ଭୁଲ୍ ପର୍‌ମାନିତ୍ ହେଲା। ଲୋକ୍‌ମାନେ ବହୁତ୍ ଭଲ ପାଇଥିଲେ। ଯେନ୍ ଗୀତ୍ ସଏଲେ ଆର୍ ଘାଏ ଗାଏବାକେ ଅନୁରୋଧ୍ କରୁଥିଲେ। ଗୁଟେ ଗୁଟେ ଗୀତ୍ ୫/୬ ଥର୍ ଲେଖେଁ ଗାଇଥିଲି। ଓସା କନ୍‌ଭେନସନ୍‌ର ମେମୋରି ମୋର୍ ଲାଗି ବହୁତ୍ ମେମୋରେବ୍‌ଲ୍ ଥିଲା।

**ଦେଶ୍ ବାହାରେ ଆପନ୍ ବହୁତ୍‌ଥର ଓଡ଼ିଆ ଗୀତ୍ ଗାଏବାର ସୁଯୋଗ ପାଇଛନ୍। କେନ୍ତା ରେସ୍‌ପନ୍ସ ମିଲ୍‌ସି?**

ଭଲ ରେସ୍‌ପନ୍ସ ମିଲ୍‌ସି। ବଡ଼ଭାରି ପର୍‌ବାସୀ ଓଡ଼ିଆମାନେ ପୁର୍‌ନା ଓଡ଼ିଆ ଗୀତ୍ ଶୁନ୍‌ବାକେ ଭଲ୍‌ପାଏସନ୍ ଆର୍ ପୁର୍‌ନା ଓଡ଼ିଆ ଗୀତ୍ ଗାଏବାକେ ଡିମାଣ୍ଡ କରସନ୍। ଯେନ୍ ଗୀତ୍‌ମାନେ ସେମାନ୍‌କୁ ଓଡ଼ିଶାର ପୁର୍‌ନା ସୁଁର୍‌ତିକେ ତାଜା କରିଦେସି।

**ମ୍ୟୁଜିକ୍ ଇଣ୍ଡଷ୍ଟ୍ରିରେ ଫେଭରାଇଟ୍ କିଏ? କାହାକେ ଆଇଡଲ୍ ମାନସନ୍? କୋ ସିଙ୍ଗର୍ ହିସାବେ କାହାର ସଂଗେ ଗୀତ୍ ଗାଏବାକେ ଅଧିକା ପସନ୍ କରସନ୍?**

ଅକ୍ଷୟ ମହାନ୍ତି, ବାଲକୃଷ୍ଣ ଦାଶ, ଶାନ୍ତନୁ ମହାପାତ୍ର, ପ୍ରଫୁଲ୍ଲ କର। ଇମାନ୍‌କର ଗୀତ୍‌ର ମୁଇଁ ବହୁତ୍ ବଡ଼ ଫ୍ୟାନ୍ ଆଏ। ଇମାନ୍‌କର ଗୀତ୍ ଶୁନି ଶୁନି ମୁଇଁ ବଡ଼ିଛେଁ। କହେବାକେ ଗଲେ, ଇମାନକର ଲାଗି ମୁଇଁ ଆଏଜ୍ ଓଡ଼ିଆ ଗୀତ୍ ଜାନିଛେଁ। କୋ-ସିଙ୍ଗର କଥା କହେଲେ ପାଖାପାଖି ସମ୍‌କିରି ସଂଗେ ମୁଇଁ ଗାଇଛେଁ। ସମ୍‌କର ସଂଗେ ଗାଏବାକେ ଭଲ୍ ଲାଗ୍‌ସି। ଏଭେ ମୁଇଁ ପ୍ରଣବ ପଟ୍ଟନାୟକଙ୍କର ସଂଗେ ଗୁଟେ ଗୀତ୍ ଗାଉଥିଲି। ସେ କହେଲେ, ନୂଆଁପିଢ଼ିର ଯଦି କେହେନ୍‌ସି କଣ୍ଠଶିଳ୍ପି ସଂଗେ ମୁଇଁ ଡୁଏଟ୍ ଗାଏମି, ତ ସେ ହେଉଛେ ଅନ୍ତରା। ଇତାରନୁ ବଲି ବଡ଼କଥା ମୋର୍ ଲାଗି କିଛି ନାଇଁନ।

**ଆଏଜ୍‌କାଲି ସିଙ୍ଗରମାନକର ଲାଇଫର ଫ୍ୟାଶନ ଗୁଟେ ମୁଖିଆ ଅଂଶ। କେନ୍ ପର୍‌କାର ଫ୍ୟାଶନ ଟ୍ରେଣ୍ଡ୍‌କେ ପସନ୍ କରସନ୍?**




ମୁଇଁ ଯେନ୍‌ଥିରେ କମ୍ଫର୍ଟେବୁଲ, ସବୁବେଲେ ସେଟା ପିନ୍ଧ୍‌ସିଁ। ମୋର୍ ପରିବାର୍‌ର ଗୁଟେ ସଂସ୍କୃତି ଅଛେ, ମୁଇଁ ତାର ବିରୋଧ୍‌ନେ କିଛି ନାଇଁ ପିନ୍ଧି କି ନାଇଁ ପିନ୍ଧେ। ସାଲୱାର କମିଜ ପିନ୍ଧ୍‌ବାକେ ଭଲ୍‌ପାଏସିଁ। ୱେଷ୍ଟର୍ନକେ ମୁଇଁ ଖରାପ୍ ନାଇଁକହେଁ। ହେଲେ ସଭିଅତା ଭିତ୍‌ରେ ରହି ୱେଷ୍ଟର୍ନ ପିନ୍ଧ୍‌ବାକେ ପସନ୍ କର୍‌ସିଁ। ମୋର୍ ଲାଗି ୱେଷ୍ଟର୍ନ କହେଲେ ବେଶିରେ ବେଶି ଜିନ୍ସ, ଟପ୍ସ। ଫ୍ୟାଶନର ମାନେ ଆପନ୍ ଯେନ୍‌ଥିରେ କମ୍ଫର୍ଟେବୁଲ ସେଟା ପିନ୍ଧିଲେ ନ ଫ୍ୟାଶନେବୁଲ ଲାଗ୍‌ବେ। ମୁଇଁ ଖୁସି ଯେ, ମୁଇଁ ଯାହାକର୍‌ସିଁ ନିଜର ଦାଏରା ଭିତ୍‌ରେ କର୍‌ସିଁ ଆର୍ ଲୋକ୍‌ମାନେ ସେଟାକେ ଭଲ୍‌ପାଏସନ୍।

**ଫୁର୍‌ସତ୍ ସମିଆରେ କାଣା କର୍‌ସନ୍?**

ରାଁଧାବଡ଼ା କର୍‌ସିଁ, ବହି ପଢ଼ସିଁ, ସାଇବାବା ଆର୍ ଭିନେ ଭିନେ ଆଧାମ୍ରିକ୍ ବହି ପଢ଼ସିଁ। ପ୍ରାଣାୟାମ କର୍‌ସିଁ। ଇତାର ବାହାରେ ସୋସିଆଲ ମିଡିଆ ତ ଅଛେ ଆମ୍‌କୁ ଡିଷ୍ଟ୍ରାକ୍ଟ କର୍‌ବାକେ। ସେଥିର୍‌ଲାଗି ସୋସିଆଲ ମିଡିଆରେ ବି ବଡ଼ଭାଗି ସମିଆ ଥିସିଁ।

**କାଣା ଖାଏବାକେ ପସନ୍ କର୍‌ସନ୍? କେନ୍ତା ଭଲ୍ ରାଁଧି ଜାନ୍‌ସନ୍?**

ଖାଏବାରେ ବିରିୟାନୀ ସବୁଠାନୁ ଅଧିକା ପସନ୍ ଲାଗ୍‌ସି। ନନ୍‌ଭେଜ୍ ରାଁଧାବଡ଼ା ଭଲ୍ କର୍‌ସିଁ। ଚିକେନ୍, ମଟନ୍, ମୋମୋ, ଚାଇନିଜ୍ ସବୁ ଜାନିଛେଁ। ବିରିୟାନୀ ବି ଭଲ୍ ବନାସିଁ।

**ବୟଫ୍ରେଣ୍ଡ ଅଛନ୍ କାଏଁ? ରିଲେସନ୍‌ଶିପ୍ ଗୋଲ୍ ବାବ୍‌ଦେ କାଣା କହେବେ?**

ନାଇଁ, ହେହି ନାଇଁନ। ସେ ବାବ୍‌ଦେ ମୋର ଏତେ ଗିଆନ୍ ନାଇଁନ। ଛୁଆବେଲୁ ଗୀତ୍ ଗାଏବାରେ ନ ସବୁ ସମିଆ ଯାଇଛେ। ଇଥିର୍‌ଲାଗି ସମିଆ ନାଇଁପାଇ। ମ୍ୟୁଜିକ୍, ମୋର୍ ଫ୍ୟାମିଲି ଆର୍ ଶ୍ରୁତା ନ ମୋର ଲାଗି ସବୁ। ମୋର୍ ଲାଗି ରିଲେଶନ୍‌ଶିପ୍ ଗୋଲ୍ ମାନେ ମୋର ଫ୍ୟାନ୍‌ମାନକର ସଂଗେ ମୋର୍ ବଣ୍ଡ।

**ନିଜର ଫ୍ୟାନ୍‌ମାନ୍‌କୁ କାଣା କହେବେ? ସିଙ୍ଗର୍ ହେବାକେ ଚାହୁଁଥିବାର ଯୁବ ପର୍‌ତିଭାମାନ୍‌କୁ କାଣା ଉପଦେଶ୍ ଦେବେ?**

ଖାଲି ଏତ୍‌କି କହେମି, ମୋତେ ଯେତ୍‌କି ଭଲ୍‌ପାଉଛନ୍, ସେତ୍‌କି ସବୁବେଲେ ପାଉଥାଉନ୍। ସେମାନକର ଭଲ୍‌ପାଏବାର ଲାଗି ମୁଇଁ କାମ୍ କରୁଛେଁ। ଯେନ୍‌ମାନେ କଣ୍ଠଶିଳ୍ପି ହେବାକେ ଚାହୁଁଛନ୍ ସେମାନ୍‌କୁ କହେମି, ଶର୍ଟକଟ୍ ରାସ୍ତାରେ ନାଇଁ ଯାଉନ୍। ଗୀତ୍ ଶିଖୁନ୍, ସାଧନା କରୁନ୍। ପରିଶ୍ରମ କରୁନ୍, ସଫଲ୍‌ତା ତାର୍ ମନ୍‌କେ ଆଏବା।

**ଆଗ୍‌କେ କାଣା କର୍‌ବାର ପ୍ଲାନ୍ ଅଛେ? ବଲିଉଡ୍‌ରେ ଟ୍ରାଏ କର୍‌ବେ କାଏଁ?**

ଏଭେ ମୋର ବଲିଉଡ୍ ଫିଲ୍ମ 'ଦ ପୁଷ୍କର୍ ଲଜ୍' ରିଲିଜ ହେବାକେ ଯାଉଛେ। ଇଟା ମୋର ପହେଲା ହିନ୍ଦୀ ଫିଲ୍ମ। ଇତାର ବାହାରେ ଗୁଟେ ବଙ୍ଗଳା ଫିଲ୍ମ ବି ଆସିଛେ। ଶାନ୍, ଅଭିଜିତ୍ ଆର୍ ଆଶା ଦିଦିଙ୍କର ସଂଗେ ଇଥିରେ ଗାଇଛେଁ। ଆଉର ଗୁଟେ ହିନ୍ଦୀ ଫିଲ୍ମ 'ପ୍ୟାର୍ ମେ ଜରା ସମ୍ଭଲ୍‌ନା' ବି ଆସୁଛେ। ଓଡ଼ିଆ ଫିଲ୍ମ 'ନିମ୍‌କୀ'ରେ ବି ଗୀତ୍ ଗାଇଛେଁ। ଆଗ୍‌କେ ମ୍ୟୁଜିକ୍‌ରେ ନ ରହେମି।

-ସାକ୍ଷାତ୍: ସସ୍ମିତା ପାଇକରାୟ